# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଜ୍ଞାନ ବିଭାଗ
# ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ
# ଭୁବନେଶ୍ୱର, ଓଡିଶା

ଘୁ. ଉଦୟଗିରି, ଓଡିଶା : ୧୫.୦୩.୨୦୨୪ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

**Sri Rahul Kumar Sahu**
**Jr. Agrometeorologist**

**ସପ୍ତାହ ସଂଖ୍ୟା- ୧୧** **ତାରିଖ ୧୫.୦୩.୨୦୨୪**

**ବୁଲେଟିନ ନଂ.୨୨**

## ଭାରତ ପାଣିପାଗ ବିଜ୍ଞାନ ବିଭାଗ, ଭୁବନେଶ୍ୱର ଅନୁଯାୟୀ ପାଣିପାଗ ପୂର୍ବାନୁମାନ (୨୦.୦୩.୨୦୨୪) ପର୍ଯ୍ୟନ୍ତ

**ଜିଲ୍ଲା ଗଜପତି**– ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱର ର ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଆସନ୍ତା ତାରିଖରେ ହାଲୁକା ରୁ ମଧମ ଧରଣର ବର୍ଷା ହେବାର ସମ୍ଭାବନା ଅଛି ଏହା ସହ ଆକାଶ ଆଂଶିକ ରୁ ସାଧାରଣତ ମେଘୁଆ ରହିପାରେ। ପବନର ବେଗ ୦୬-୦୭ କି.ମି. ବେଗ ମଧରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦-୩୭ ଏବଂ ୨୧-୨୫ ଡିଗ୍ରୀ ସେଲସିୟସ ରହିବ। ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଗତ ସପ୍ତାହ ଠାରୁ ଅଧିକ ରହିବ ଏବଂ ଯଥାକ୍ରମେ ଶତକଡା ୭୧-୮୩% ଏବଂ ୨୦-୩୧% ମଧରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ ) | ମେଘାଚ୍ଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ଗଜପତି | ୧୬-୦୩-୨୦୨୪ | ୫ | ୩୭ | ୨୩ | ୬ | ୭୧ | ୨୦ | ୭ | ୨୦୨ |
| | ୧୭-୦୩-୨୦୨୪ | ୪ | ୩୭ | ୨୪ | ୫ | ୮୩ | ୨୬ | ୬ | ୨୦୨ |
| | ୧୮-୦୩-୨୦୨୪ | ୫ | ୩୭ | ୨୪ | ୪ | ୭୬ | ୨୬ | ୭ | ୧୬୫ |
| | ୧୯-୦୩-୨୦୨୪ | ୫ | ୩୪ | ୨୫ | ୪ | ୭୫ | ୩୧ | ୬ | ୨୭୦ |
| | ୨୦-୦୩-୨୦୨୪ | ୨୫ | ୩୦ | ୨୧ | ୭ | ୭୬ | ୩୧ | ୭ | ୧୮୦ |

## କୃଷିପାଣିପାଗ ଉପଦେଶାବଳୀ

- ଆଗାମୀ ଦିନରେ ମଧମ ଧରଣର ବର୍ଷା ପାଗରେ ବିଭିନ୍ନ ଫସଲ ପ୍ରଭାବିତ ହେବାର ସମ୍ଭାବନା ଅଛି।
- ଜମିରୁ ଅଧିକ କିମ୍ବା ବଳକା ପାଣିକୁ ନିଗାଡିବାର ବ୍ୟବସ୍ଥା କରନ୍ତୁ ନଚେତ ପାଣି ଜମି ହୋଇ ମୂଳ ପାଚିବା ସହ ବିଭିନ୍ନ ରୋଗ ମାଡିବାର ଆଶଙ୍କା ରହିଥାଏ।
- ଚାଷୀମାନେ କୀଟନାଶକ ପ୍ରୟୋଗକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖନ୍ତୁ।
- କୁକୁଡା ଫାର୍ମ ରେ ବର୍ଷା ରୁ ରକ୍ଷା ପାଇବାର ବ୍ୟବସ୍ଥା କରନ୍ତୁ ଏବଂ ବିଶୁଦ୍ଧ ପାନୀୟ ଜଳ ଦିଅନ୍ତୁ।

**ସୂର୍ଯ୍ୟମୁଖୀ:**

- ବର୍ଷା ପାଗରେ କୀଟନାଶକ ପ୍ରୟୋଗରୁ ବିରତ ରୁହନ୍ତୁ।
- ପତ୍ର ପଚା ରୋଗ(Alternaria blight) ଦେଖାଦେଲେ ଧୂସର ରୁ କଳା ରଙ୍ଗ ର ଚିହ୍ନ ହୋଇଥାଏ।
- ଯାହାଠୁ ମୁକ୍ତି ପାଇବା ପାଇଁ ସେଥିରେ ୦.୩% ହିସାବରେ ମାଙ୍କୋଜେବ କୁ ପ୍ରୟୋଗ କରନ୍ତୁ।

**ବାଇଗଣ:**

- ଜମିରୁ ଅଧିକ କିମ୍ଵା ବଳକା ପାଣିକୁ ନିଗଡିବାର ବ୍ୟବସ୍ଥା କରନ୍ତୁ।
- ବାଇଗଣରେ କାଣ୍ଡ ଓ ଫଳ ବିନ୍ଧା ପୋକ ର ନିରାକରଣ ପାଇଁ ସେଥିରେ ନିମ ଜାତୀୟ କିଟନାଶକ କୁ ୧୫୦୦ PPM@ ୬୦୦ମିଲି/ଏକର ହିସାବରେ ୨୦୦ ଲିଟର ହିସାବରେ ପ୍ରୟୋଗ କରନ୍ତୁ।

**ଚିନାବାଦାମ:**

- ଚିନାବାଦମ୍ ରେ ଟିକ୍କା ରୋଗର ପରିଚାଳନା ପାଇଁ ଏକର ପ୍ରତି Chlorothalonil **@**୪୦୦-ଗ୍ରାମ କିମ୍ଵା ୬୦୦-ଗ୍ରାମ Mancozeb କିମ୍ଵା ୩୦୦-ମି.ଲି Hexaconazole କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆମ୍ବ:**

- ଫଳ ନ ଝଡିବା ପାଇଁ ଚଣା ଅବସ୍ତାରେ ଏବଂ ବାଟୁଳି ଅବସ୍ଥାରେ (Marble Stage) ଏନ.ଏ.ଏ ୨୦ ପିପିଏମ (Planofix ୦୪ ମିଲି ପ୍ରତି ଲିଟର) ସିଞ୍ଚନ କରନ୍ତୁ।

**ମୁଗ:**

- ବିରି ରେ ପତ୍ର ପଚା ରୋଗ( **ANTHRACNOSE**) ର ନିରାକରଣ ପାଇଁ ସମନ୍ଵିତ ରୋଗ ପରିଚାଳନା ଆବଶ୍ୟକ।
- ପଚା ଶଢା କାଣ୍ଡ ଓ ପତ୍ର କୁ ବିଲରୁ କାଢି ନଷ୍ଟ କରିଦିଅନ୍ତୁ।
- ନିମ୍ନଲିଖିତ ଯେ କୌଣସି ଏକ ରାସାୟନିକ କୁ ପ୍ରୟୋଗ କରନ୍ତୁ।
- ମାଙ୍କୋଜେବ ୭୨**WP@** ୧୦୦୦ଗ୍ରାମ/ହେକ୍ଟର କିମ୍ଵା **TEBUCONAZOLE** ୨୫.୯% **EC@**୫୦୦ ମିଲି/ହେକ୍ଟର କୁ ପ୍ରୟୋଗ କରନ୍ତୁ।

**ଗାଈ ଗୋରୁ :**

- ବର୍ଷା ସମୟରେ ଗାଈ ଗୋରୁଙ୍କୁ ଗୁହାଳ ରେ ବାନ୍ଧି ରଖନ୍ତୁ।
- ଉପଯୁକ୍ତ ସମୟ ଅନ୍ତରାଳରେ ଗାଈ ଗୋରୁଙ୍କୁ ବିଶୁଦ୍ଧ ପାନୀୟ ଜଳ ଦିଅନ୍ତୁ।
- ଗୁହାଳକୁ ଉତ୍ତମ ଭାବେ ପବନ ଚଳ ପ୍ରଚଳ ର ବ୍ୟବସ୍ଥା କରନ୍ତୁ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER